ଚାଷୀମାନଙ୍କ ପାଇଁ
କୃଷି ଯନ୍ତ୍ରପାତି



ଏହି ପୁସ୍ତିକାରେ କ୍ରମିକ ସଂଖ୍ୟା ୧ ଠାରୁ ୩୦ ମଧ୍ୟରେ ଥିବା କୃଷି ଯନ୍ତ୍ରପାତି ମଧ୍ୟରୁ ଯେଉଁ ଗୁଡିକର ମୂଲ୍ୟ ୧୦୦ ଟଙ୍କାରୁ କମ୍ ତାହା ଉପରେ କୌଣସି ରିହାତି ନାହିଁ । ଅନ୍ୟାନ୍ୟ ଯନ୍ତ୍ରପାତି ଉପରେ ଶତକଡା ୫୦ ଭାଗ ଏବଂ ସର୍ବାଧିକ ୧୫୦୦/- ଟଙ୍କା ରିହାତି ବ୍ୟବସ୍ଥା ରହିଛି ।

(୧) କେ.ବି. ପମ୍ପ (K. B. Pump)



କ୍ଷମତା	ଘଣ୍ଟା ପ୍ରତି ୪,୦୦୦ ଲିଟର
ଓଜନ	୧୯ କିଲୋଗ୍ରାମ୍ (ଲୁହା)
	୪୫ କିଲୋଗ୍ରାମ (କଂକ୍ରିଟ୍)
ଶକ୍ତି	ଜଣେ ଲୋକ ଦୁଇ ଗୋଡରେ ଏହାକୁ ଚଳାଇପାରେ ।
ଦାମ୍	ଟ.୧୪୫୪/- (ଲୁହା)
	ଟ.୧୪୩୨/- (କଂକ୍ରିଟ୍)

ଉପଯୋଗିତା: ଏହା ୧୫-୨୦ ଫୁଟ ଗଭୀରରୁ ପାଣି ଉଠାଇପାରେ । ଏହାଦ୍ୱାରା କୂଅ, ପୋଖରୀ, ଗାଡ଼ିଆ, ନଦୀ, କେନାଲ ଏବଂ ନଳକୂପ ବୋରିଂରୁ ମଧ୍ୟ ପାଣି ଉଠାଇ ଜଳସେଚନ କରାଯାଏ । ଏଥିରେ କୌଣସି ତେଲ କିମ୍ବା ବିଜୁଳି ଶକ୍ତିର ଆବଶ୍ୟକତା ପଡେ ନାହିଁ । ଏହାକୁ ଯେ କୌଣସି ଲୋକ ଏପରିକି ସ୍ତ୍ରୀ, ବୁଢ଼ା, ବୁଢ଼ୀ ଏବଂ ଛୋଟ ପିଲାମାନେ ମଧ୍ୟ ପାଦ ସାହାଯ୍ୟରେ ଚଳାଇପାରନ୍ତି । ଏହାକୁ ଗୋଟିଏ ଯାଗାରୁ ଅନ୍ୟ ଗୋଟିଏ ଯାଗାକୁ ଖୁବ୍ ସହଜରେ ନିଆଯାଇପାରେ । ଏହି ପମ୍ପ ସହିତ ସ୍ପେୟାର ପାର୍ଟସ୍, ଗୋଟିଏ ବର୍ଷର ଓ୍ୱାରେଣ୍ଟି ଏବଂ ବ୍ୟବହାର ପୁସ୍ତିକାଟିଏ ମିଳିଥାଏ ।

(୨) ମୋଲ୍ଡ ବୋର୍ଡ ଲଙ୍ଗଳ
(Mould Board Plough)



କ୍ଷମତା	ଦିନକୁ ୭୫ ଡେସିମିଲ୍ ଜମି ଚାଷ କରାଯାଇପାରେ ।
ଶକ୍ତି	ହଳେ ମଝିଆଁଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ	୭.୧ କିଲୋଗ୍ରାମ ।
ଦାମ୍	ଟ.୨୫୨/- (ଈଶ ବ୍ୟତୀତ)
	ଟ.୪୭୦/- (ପାଇପ୍ ଈଶ ସହିତ)

ଉପଯୋଗିତା : ଏହା ଉଭୟ ଶୁଖିଲା ଓ କାଦୁଅ ଚାଷ ପାଇଁ ବ୍ୟବହାର କରାଯାଏ । ମାଟି କାଟୁଥିବା ସେୟାର୍‌ଟି ଘୋରି ହୋଇଗଲେ ସହଜରେ ଓ ଅଳ୍ପ ଦାମ୍‌ରେ ବଦଳାଇ ହୁଏ । ଏହି ଲଙ୍ଗଳ ଦ୍ୱାରା ମାଟି ଭଲଭାବେ କାଟି ହୋଇ ଓଲଟି ଯାଏ । ଫଳରେ ଉପରେ ଥିବା ଘାସ ଓ ଅନାବନା ଗଛ ସବୁ ପୋତି ହୋଇ ସବୁଜ ସାରରେ ପରିଣତ ହୁଏ ଏବଂ ତଳେ ଥିବା ପୋକ ଜୋକ ଇତ୍ୟାଦି ଉପରକୁ ଆସି ନଷ୍ଟ ହୋଇଯାଆନ୍ତି ।

(୩) ମଟାଳ ମାଟି ଲଙ୍ଗଳ (Heavy Soil Plough)



କ୍ଷମତା	ଦିନକୁ ୪୦ ଡେସିମିଲ୍ ଜମିରେ ଚାଷ କରାଯାଇପାରେ ।
ଶକ୍ତି	ହଳେ ମଝିଆଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ	୮.୫ କିଲୋଗ୍ରାମ ।
ଦାମ୍	ଟ.୩୨୪/- (ଶଶ ବ୍ୟତୀତ) ଟ.୫୪୨/- (ପାଇପ୍ ଶଶ ସହିତ)

ଉପଯୋଗୀତା : ଏହା ମୋଡ ପତ୍ର ଲଙ୍ଗଳର ଏକ କାର୍ଯ୍ୟକ୍ଷିଭିକ ରୂପାନ୍ତର । ଚିକିଟା ଓ କୃଷ୍ଣ କାର୍ପାସ୍ ମୃତ୍ତିକା ପାଇଁ ବିଶେଷ ଉପଯୋଗୀ । ଏଥିରେ ଥିବା ଲମ୍ବା ଫାଳ (Bar share) ଦ୍ୱାରା ଚାଷର ଗଭୀରତା କମ୍ ବା ବେଶୀ କରାଯାଇପାରେ । ମୋଡ଼ ପତ୍ର ଲଙ୍ଗଳର ସମସ୍ତ ଉପକାରିତା ଏହି ଲଙ୍ଗଳରୁ ମିଳିଥାଏ ।

(୪) ଢଳେଇ ଲୁହା ଲଙ୍ଗଳ (Cast Iron Plough)



କ୍ଷମତା	ଦିନକୁ ୬୦ ଡେସିମିଲ୍ ଜମିରେ ଚାଷ କରାଯାଇପାରେ ।
ଶକ୍ତି	ହଳେ ମଝିଆଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ	୬ କିଲୋଗ୍ରାମ୍ ।
ଦାମ୍	ଟ.୨୬୬/- (ଶଶ ବ୍ୟତୀତ) ଟ.୪୮୪/- (ପାଇପ୍ ଶଶ ସହିତ)

ଉପଯୋଗୀତା : ହାଲୁକା ମାଟି ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ । ଏହାର ଫାଳଟି ଢଳେଇ ଲୁହାରେ ତିଆରି ହୋଇଥିବାରୁ ଗଛର ଚେର, ମୂଳ ଓ ପଥର ନଥିବା ମାଟି ପାଇଁ ଉପଯୋଗୀ ।

(୫) ବେଉଷଣୀ ଲଙ୍ଗଳ (Inter Culture Plough)



କ୍ଷମତା :	ଏହାଦ୍ୱାରା ଦିନକୁ ୧ ଏକର ଜମି ବେଉଷଣ କରାଯାଇପାରେ । ଏହା ସହିତ ଫନେଲ ଓ ପାଇପ୍ ଲଗାଇ ୦.୭୫ ଏକର ଜମିରେ ମଞ୍ଜି ଧାଡିରେ ବୁଣାଯାଇପାରେ ।
ଶକ୍ତି	ହଳେ ମଝିଆଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ :	୪.୮୦ କିଲୋଗ୍ରାମ ।
ଦାମ୍ :	ଟ.୧୯୦/- (ଶଶ ବ୍ୟତୀତ) ଟ.୪୮୦/- (ପାଇପ୍ ଶଶ ସହିତ)

(୧) କେ.ବି. ପମ୍ପ (K. B. Pump)



କ୍ଷମତା	ଘଣ୍ଟା ପ୍ରତି ୪,୦୦୦ ଲିଟର
ଓଜନ	୧୯ କିଲୋଗ୍ରାମ୍ (ଲୁହା) ୪୫ କିଲୋଗ୍ରାମ (କଂକ୍ରିଟ୍)
ଶକ୍ତି	ଜଣେ ଲୋକ ଦୁଇ ଗୋଡରେ ଏହାକୁ ଚଳାଇପାରେ ।
ଦାମ୍	ଟ.୧୪୫୪/- (ଲୁହା) ଟ.୧୪୩୨/- (କଂକ୍ରିଟ୍)

ଉପଯୋଗୀତା: ଏହା ୧୫-୨୦ ଫୁଟ ଗଭୀରରୁ ପାଣି ଉଠାଇପାରେ । ଏହାଦ୍ୱାରା କୂଅ, ପୋଖରୀ, ଗାଡ଼ିଆ, ନଦୀ, କେନାଲ ଏବଂ ନଳକୂପ ବୋରିଂରୁ ମଧ୍ୟ ପାଣି ଉଠାଇ ଜଳସେଚନ କରାଯାଏ । ଏଥିରେ କୌଣସି ତେଲ କିମ୍ବା ବିଜୁଳି ଶକ୍ତିର ଆବଶ୍ୟକତା ପଡେ ନାହିଁ । ଏହାକୁ ଯେ କୌଣସି ଲୋକ ଏପରିକି ସ୍ତ୍ରୀ, ବୁଢ଼ା, ବୁଢ଼ୀ ଏବଂ ଛୋଟ ପିଲାମାନେ ମଧ୍ୟ ପାଦ ସାହାଯ୍ୟରେ ଚଳାଇପାରନ୍ତି । ଏହାକୁ ଗୋଟିଏ ଯାଗାରୁ ଅନ୍ୟ ଗୋଟିଏ ଯାଗାକୁ ଖୁବ୍ ସହଜରେ ନିଆଯାଇପାରେ । ଏହି ପମ୍ପ ସହିତ ସ୍ପେୟାର ପାର୍ଟସ, ଗୋଟିଏ ବର୍ଷର ଓ୍ୱାରେଣ୍ଟି ଏବଂ ବ୍ୟବହାର ପୁସ୍ତିକାଟିଏ ମିଳିଥାଏ ।

(୨) ମୋଲ୍ଡ ପଟ୍ଟ ଲଙ୍ଗଳ

(Mould Board Plough)



କ୍ଷମତା	ଦିନକୁ ୭୫ ଡେସିମିଲ୍ ଜମି ଚାଷ କରାଯାଇପାରେ ।
ଶକ୍ତି	ହଳେ ମଇଁଷି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ	୭.୧ କିଲୋଗ୍ରାମ ।
ଦାମ୍	ଟ.୨୫୨/- (ଣଣ ବ୍ୟତୀତ) ଟ.୪୭୦/- (ପାଇପ୍ ଣଣ ସହିତ)

ଉପଯୋଗୀତା : ଏହା ଉଭୟ ଶୁଖିଲା ଓ କାଦୁଅ ଚାଷ ପାଇଁ ବ୍ୟବହାର କରାଯାଏ । ମାଟି କାଟୁଥିବା ସେୟାର୍‌ଟି ଘୋରି ହୋଇଗଲେ ସହଜରେ ଓ ଅଳ୍ପ ଦାମ୍‌ରେ ବଦଳାଇ ହୁଏ । ଏହି ଲଙ୍ଗଳ ଦ୍ୱାରା ମାଟି ଭଲଭାବେ କାଟି ହୋଇ ଓଲଟି ଯାଏ । ଫଳରେ ଉପରେ ଥିବା ଘାସ ଓ ଅନାବନା ଗଛ ସବୁ ପୋତି ହୋଇ ସବୁଜ ସାରରେ ପରିଣତ ହୁଏ ଏବଂ ତଳେ ଥିବା ପୋକ ଜୋକ ଇତ୍ୟାଦି ଉପରକୁ ଆସି ନଷ୍ଟ ହୋଇଯାଆନ୍ତି ।

(୩) ମଟାଳ ମାଟି ଲଙ୍ଗଳ (Heavy Soil Plough)



 କ୍ଷମତା ଦିନକୁ ୪୦ ଡେସିମିଲ୍ ଜମିରେ ଗ୍ରଷ କରାଯାଇପାରେ ।
ଶକ୍ତି ହଳେ ମଝିଆଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ ୮.୫ କିଲୋଗ୍ରାମ ।
ଦାମ୍ ଟ.୩୨୪/- (ଋଣ ବ୍ୟତୀତ)
ଟ.୫୪୨/- (ପାଇପ୍ ଋଣ ସହିତ)

ଉପଯୋଗୀତା : ଏହା ମୋଡ ପତ୍ର ଲଙ୍ଗଳର ଏକ କାର୍ଯ୍ୟକ୍ଷିଭିକ ରୂପାନ୍ତର । ଚିକିଟା ଓ କୃଷ୍ଣ କାର୍ପାସ୍ ମୃର୍ତ୍ତିକା ପାଇଁ ବିଶେଷ ଉପଯୋଗୀ । ଏଥିରେ ଥିବା ଲମ୍ବା ଫାଳ (Bar share) ଦ୍ୱାରା ଗ୍ରଷର ଗଭୀରତା କମ୍ ବା ବେଶୀ କରାଯାଇପାରେ । ମୋଡ଼ ପତ୍ର ଲଙ୍ଗଳର ସମସ୍ତ ଉପକାରିତା ଏହି ଲଙ୍ଗଳରୁ ମିଳିଥାଏ ।

(୪) ଢଳେଇ ଲୁହା ଲଙ୍ଗଳ (Cast Iron Plough)



କ୍ଷମତା ଦିନକୁ ୬୦ ଡେସିମିଲ୍ ଜମିରେ ଗ୍ରଷ କରାଯାଇପାରେ ।
ଶକ୍ତି ହଳେ ମଝିଆଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ ୬ କିଲୋଗ୍ରାମ୍ ।
ଦାମ୍ ଟ.୨୬୬/- (ଋଣ ବ୍ୟତୀତ)
ଟ.୪୮୪/- (ପାଇପ୍ ଋଣ ସହିତ)

ଉପଯୋଗୀତା : ହାଲୁକା ମାଟି ଗ୍ରଷ ପାଇଁ ଅତ୍ୟନ୍ତ ଉପଯୋଗୀ । ଏହାର ଫାଳଟି ଢଳେଇ ଲୁହାରେ ତିଆରି ହୋଇଥିବାରୁ ଗଛର ଚେର, ମୂଳ ଓ ପଥର ନଥିବା ମାଟି ପାଇଁ ଉପଯୋଗୀ ।

(୫) ବେଉଷଣୀ ଲଙ୍ଗଳ (Inter Culture Plough)



କ୍ଷମତା : ଏହାଦ୍ୱାରା ଦିନକୁ ୧ ଏକର ଜମି ବେଉଷଣ କରାଯାଇପାରେ । ଏହା ସହିତ ଫନେଲ ଓ ପାଇପ୍ ଲଗାଇ ୦.୭୫ ଏକର ଜମିରେ ମଞ୍ଜି ଧାଡିରେ ବୁଣାଯାଇପାରେ ।
ଶକ୍ତି ହଳେ ମଝିଆଳି ବଳଦ ସୁବିଧାରେ ଟାଣି ପାରନ୍ତି ।
ଓଜନ : ୪.୮୦ କିଲୋଗ୍ରାମ ।
ଦାମ୍ : ଟ.୧୯୦/- (ଋଣ ବ୍ୟତୀତ)
ଟ.୪୮୦/- (ପାଇପ୍ ଋଣ ସହିତ)

ଉପଯୋଗୀତା : ଏହା ବେଉଷଣ କାର୍ଯ୍ୟରେ ବ୍ୟବହୃତ ହୁଏ । ଏହାକୁ ଧାନ, ଗହମ ଓ ଚିନାବାଦାମ ଧାଡିବୁଣା ପାଇଁ ସିଆର କାଟିବା କାର୍ଯ୍ୟରେ ମଧ୍ୟ ବ୍ୟବହାର କରାଯାଏ ।



(୬) ଏକଧାଡ଼ିଆ ମଞ୍ଜି ବୁଣା ଯନ୍ତ୍ର
(Single Row Seeder)

କ୍ଷମତା	ଦିନକୁ ୦.୭୫ ଏକର ଜମିରେ ବିହନ ବୁଣାଯାଇ ପାରେ ।
ଶକ୍ତି	ଏକ ହଳ ବଳଦ ଟାଣି ପାରନ୍ତି ।
ଓଜନ	୫ କିଲୋଗ୍ରାମ୍ ।
ଦାମ୍	ଟ.୨୪୬/- (ଈଶ ବ୍ୟତୀତ)

ଉପଯୋଗୀତା : ଧାନ, ଗହମ, ମକା, ବାଦାମ ଓ ଅନ୍ୟାନ୍ୟ ଫସଲ ଧାଡିରେ ବୁଣିବା ପାଇଁ ଉପଯୁକ୍ତ । ଫସଲ ଧାଡିରେ ବୁଣିବା ଯୋଗୁଁ ଘାସ ବଛା ଓ ଅନ୍ତଃ ଗୃଷ ଯନ୍ତ୍ରଦ୍ୱାରା କରାଯାଇ ପାରେ ।

(୭) ତିନି ଧାଡି ବିହନ ବୁଣା ଯନ୍ତ୍ର
(Three Row Seed Drill)

କ୍ଷମତା	ଦିନକୁ ୨ ଏକର ଜମିରେ ବିହନ ବୁଣାଯାଇ ପାରେ ।
ଶକ୍ତି	ଜଣେ ଲୋକ ସହଜରେ ଟାଣିପାରେ । ଅନ୍ୟ ଜଣେ ଲୋକ, ସାହାଯ୍ୟ କରିବା ପାଇଁ ମଝିରେ ମଝିରେ ଦରକାର ହୁଏ ।
ଓଜନ	୧୦.୨୫ କିଲୋଗ୍ରାମ ।
ଦାମ୍	ଟ.୭୩୦/-



ଉପଯୋଗୀତା : ଏହା ଏକ ହାତଟଣା ବିହନ ବୁଣା ଯନ୍ତ୍ର । ଧାନ ଓ ଗହମ ଫସଲ ମଞ୍ଜିକୁ ଆବଶ୍ୟକତା ଅନୁଯାୟୀ ଧାଡିରେ ବୁଣାଯାଇ ପାରେ । ଏଥିରେ ବିହନ ବୁଣିଲେ ସାଧାରଣ ଭାବେ ବୁଣା (Broad casting) ଅପେକ୍ଷା ୩୦ ଭାଗ ବିହନ କମ୍ ଲାଗେ ଓ ସଠିକ୍ ଗଭୀରତାରେ ବିହନ ପଡୁଥିବାରୁ ଭଲଭାବରେ ଗଜା ହୋଇ ଉତ୍ତମ ଗଛ ହୋଇଥାଏ । ଜମିରେ ଧାଡ଼ିରେ ବୁଣିଲେ ପରବର୍ତ୍ତୀ କାଳରେ ଅନ୍ତଃ ଗୃଷ ଉପକରଣ ଚଳାଇବା ସହଜସାଧ୍ୟ ହୁଏ । ଧାଡ଼ି ବୁଣା ଫସଲ ସମ ପରିମାଣରେ ଆଲୋକ, ବାୟୁ, ଖତ ଓ ସାର ପାଉଥିବା ଯୋଗୁଁ ଉତ୍ପାଦନ ଅଧିକ ହୁଏ ।



(୮) ଦୁଇ ଧାଡି ବିବିଧ ମଞ୍ଜି ବୁଣା ଯନ୍ତ୍ର

(Two Row Multicrop Seed Drill)

କ୍ଷମତା । ଦିନକୁ ୧.୨୫ ଏକର ଜମିରେ ମଞ୍ଜି ବୁଣା ଯାଇପାରେ ।

ଶକ୍ତି ଜଣେ ଲୋକ ସହଜରେ ଟାଣିପାରେ ।

ଓଜନ ୧୫.୫ କିଲୋଗ୍ରାମ ।

ଦାମ୍ ଟ.୧୧୬୪/-

ଉପଯୋଗୀତା : ଏହାଦ୍ୱାରା ବିହନ କପ୍ ବଦଳାଯାଇ ଧାନ, ଗହମ, ବୁଟ, ଚିନାବାଦାମ ଓ ଗଜାଧାନ ବୁଣାଯାଇ ପାରେ ।

(୯) ତିନି ଧାଡି ବିବିଧ ମଞ୍ଜି ବୁଣା ଯନ୍ତ୍ର

(Three Row Multicrop Seed Drill)



କ୍ଷମତା : ଦିନକୁ ୨ ଏକର ଜମିରେ ମଞ୍ଜି ବୁଣା ଯାଇପାରେ ।

ଶକ୍ତି ଜଣେ ଲୋକ ସହଜରେ ଟାଣିପାରେ ।

ଓଜନ ୨୦.୫ କିଲୋଗ୍ରାମ ।

ଦାମ୍ ଟ.୧୫୭୦/-

ଉପଯୋଗୀତା : ଏହାଦ୍ୱାରା ବିଭିନ୍ନ ବିହନ କପ୍ ବଦଳାଯାଇ ଧାନ, ଗହମ, ବୁଟ, ଚିନାବାଦାମ ଓ ଗଜାଧାନ ୩ ଧାଡିରେ ବୁଣାଯାଇ ପାରେ ।



(୧୦) ଚାରି ଧାଡ଼ିଆ ବଳଦ ଟଣା ବିହନ ତଥା ସାର ବୁଣା ଯନ୍ତ୍ର

(Four Row Bullock Drawn Seed-cum-Fertilizer Drill)

କ୍ଷମତା : ଦିନକୁ ୨.୫ ଏକର ଜମିରେ ମଞ୍ଜି ବୁଣା ଯାଇପାରେ ।

ଶକ୍ତି ଏହାକୁ ହଳେ ବଳଦ ଟାଣି ପାରନ୍ତି । ଏହାକୁ ଶକ୍ତି ଚାଳିତ ଟୁଲ୍ ବାର କିମ୍ବା କଳ ଇଞ୍ଜନ ମାଧ୍ୟମରେ ଟଣା ଯାଇପାରେ ।

ଓଜନ : ୫୮ କିଲୋଗ୍ରାମ୍ ।

ଦାମ୍ : ଟ.୩୨୫୦/- (ଶଣ ବ୍ୟତୀତ)

ଉପଯୋଗୀତା : ଏହାଦ୍ୱାରା ଭିନ୍ନ ବିହନ ଯଥା : ଧାନ, ଗହମ, ବୁଟ, ଚିନାବାଦାମ ଓ ଗଜାଧାନ ଆଦି ବୁଣାଯାଇ ପାରେ । ସାର ମଧ୍ୟ ମଞ୍ଜି ସହ ବୁଣାଯାଇ ପାରେ ।

(୧୧) କାଦୁଅ କରିବା ଯନ୍ତ୍ର (Puddler)



କ୍ଷମତା : ଏହାଦ୍ୱାରା ଦିନକୁ ୨ ଏକର ଜମି କାଦୁଅ କରାଯାଇପାରେ ।

ଶକ୍ତି ହଳେ ମଝିଆଳି ବଳଦ ଏହାକୁ ସୁବିଧାରେ ଟାଣି ପାରନ୍ତି ।

ଓଜନ ୨୮ କିଲୋଗ୍ରାମ ।

ଦାମ୍ ଟ.୧୭୮୨/- (ଋଣ ବ୍ୟତୀତ)
ଟ.୧୯୧୮/- (ଆଇ.ଏ.ଡି.ପି. ମଡେଲ, ପାଇପ ଋଣ ସହିତ)

ଉପଯୋଗୀତା : ଧାନ ତଳି ରୋଇବା ଆଗରୁ ଜମି କାଦୁଅ କରିବା ପାଇଁ ଏହି ଯନ୍ତ୍ର ବ୍ୟବହାର କରାଯାଏ । ଗୃଷୀ ମଧ୍ୟ ଧାନ ଅମଳ ଓ ମାଟି ଗୁଣ୍ଡ କରିବା ପାଇଁ ଏହାକୁ ବ୍ୟବହାର କରିପାରିବେ ।



(୧୨) ରେକ୍ ଉଇଡ଼ର୍ (ଘାସ ବଛା ପାଇଁ)
(Rake Weeder)

କ୍ଷମତା ଜଣେ ଲୋକ ଏହାଦ୍ୱାରା ଦିନକୁ ୨୫ ଡେସିମିଲ୍ ଜମିରୁ ଘାସ ବାଛିପାରେ ।

ଓଜନ ୦.୭୫ କିଲୋଗ୍ରାମ ।

ଦାମ୍ ଟ.୭୪/- (ବେଣ୍ଟ ସହିତ),
ଟ.୪୮/- (ବେଣ୍ଟ ବ୍ୟତୀତ)

ଉପଯୋଗୀତା : ଧାଡ଼ିରେ ବୁଣା ଯାଇଥିବା ଧାନ ଓ ଗହମ ଫସଲରୁ ଘାସ ବାଛିବା ପାଇଁ ଏହା ଏକ ଉତ୍କୃଷ୍ଟ ଯନ୍ତ୍ର । ଏହାକୁ ମଧ୍ୟ ବଗିଗ୍ନରେ ଘାସ ବାଛିବା ପାଇଁ ବ୍ୟବହାର କରାଯାଇ ପାରେ । ଲମ୍ବା ବେଣ୍ଟ ଥିବାରୁ ବ୍ୟବହାର କରିବା ସୁବିଧାଜନକ ।

(୧୩) ହୁଇଲ ଫିଙ୍ଗର ଉଇଡର୍
(Wheel Finger Weeder)



କ୍ଷମତା ଦିନକୁ ଅଧ ଏକର ।

ଶକ୍ତି ଜଣେ ଲୋକ ଏହାକୁ ଚଳାଇ ଥାଏ ।

ଓଜନ ୭ କିଲୋଗ୍ରାମ ।

ଦାମ୍ ଟ.୪୨୮/-

ଉପଯୋଗୀତା : ଡିପ ଜମିରେ ହୋଇଥିବା ଧାଡି ବୁଣା ଧାନ, ଗହମ ଫସଲରୁ ଘାସ ଏବଂ ଅନାବନା ଗଛ ବାଛିବା ପାଇଁ ବ୍ୟବହାର କରାଯାଏ । ଏଥିରେ ଚକ ଲାଗିଥିବାରୁ ଜଣେ ଲୋକ ସହଜରେ ଚଳାଇ ପାରେ । ଏଥିରେ ଥିବା ଦାନ୍ତି ଗୁଡିକ ଆଙ୍ଗୁଠି ପରି ବଙ୍କା ହୋଇଥିବା ଘାସ ଓ ଅନାବନା ଗଛଗୁଡିକ ସହଜରେ ଉପାଡି ହୋଇ ଯାଇଥାଏ ।



(୧୪) ରୋଟାରି ପେଗ୍ ଉଇଡର୍

(Rotary Peg Weeder)

କ୍ଷମତା	ଦିନକୁ ୨୫ ଡେସିମିଲ୍ ।
ଶକ୍ତି	ଜଣେ ଲୋକ ଏହାକୁ ଚଳାଇ ଥାଏ ।
ଓଜନ	୫.୫ କିଲୋଗ୍ରାମ୍
ଦାମ୍	ଟ.୩୯୮/-

ଉପଯୋଗୀତା : ଡିପ ଜମିରେ ଧାଡି ବୁଣା ଚିନାବାଦାମ, ଧାନ ଏବଂ ଗହମ ଗଛର ଗୁରିପାଖେ ଉଠିଥିବା ଘାସ ଓ ଅନ୍ୟାନ୍ୟ ଗଛ ବାଛିବା ପାଇଁ ବ୍ୟବହାର କରାଯାଏ । ଏହାର ଓଜନ ବହୁତ କମ୍ ହୋଇଥିବାରୁ ଜଣେ ଲୋକ ସହଜରେ ଚଳାଇଥାଏ । ଘାସ ଓ ଅନାବନା ଗଛ ଏହାର ଇସ୍ପାତ ଦାନ୍ତି ଦ୍ୱାରା କଟି ଯାଏ ।

(୧୫) ଫର୍କ ଉଇଡର୍ (Fork Weeder)

(ଘାସ ବଛା ଓ ଖୁସାଇବା ପାଇଁ)

କ୍ଷମତା	:	ଦିନକୁ ୨୫ ଡେସିମିଲ୍ ।
ଶକ୍ତି	:	ଜଣେ ଲୋକ ଏହାକୁ ଚଳାଇ ଥାଏ ।
ଓଜନ	:	୧ କିଲୋଗ୍ରାମ୍
ଦାମ୍	:	ଟ.୬୦/- (ବେଣ୍ଟ ସହିତ)
		ଟ.୩୪/- (ବେଣ୍ଟ ବ୍ୟତୀତ)



ଉପଯୋଗୀତା : ଗଛର ମୂଳକୁ ନଷ୍ଟ ନକରି ଏହାଦ୍ୱାରା ଭଲ ଭାବରେ ଘାସ ବାଛିବା ଓ ଖୁସାଇବା କାମ କରାଯାଇ ପାରେ । ଚିନାବାଦାମ ଫସଲ ପାଇଁ ଏହା ଖୁବ୍ ଉପଯୋଗୀ । ଏହାର ଲମ୍ବା କାଠ ବେଣ୍ଟ ଥିବାରୁ କାମ କରିବାକୁ ସୁବିଧା ହୁଏ ।



(୧୬) ଟ୍ରେଞ୍ଚ ହୋ (Trench Hoe)

କ୍ଷମତା	ଦିନକୁ ଜଣେ ଲୋକ ୨୫ ଡେସିମିଲ୍ କୋଡା ଖୁସା କରିପାରେ ।
ଓଜନ	୧.୧ କିଲୋଗ୍ରାମ ।
ଦାମ୍	ଟ.୭୬/- (ବେଣ୍ଟ ସହିତ)
	ଟ.୫୦/- (ବେଣ୍ଟ ବ୍ୟତୀତ)

ଉପଯୋଗୀତା : ଏହାର ଏକ ପାର୍ଶ୍ୱ କୋଦାଳ ଭାବେ ଓ ଅନ୍ୟ ପାର୍ଶ୍ୱ ଗଇନ୍ତି (Axe) ଭାବେ ବ୍ୟବହାର କରାଯାଏ । ଏହାକୁ କୋଡ଼ା ଖୁସା ଇତ୍ୟାଦି କାମରେ ମଧ୍ୟ ବ୍ୟବହାର କରାଯାଏ । ଲମ୍ବା ବେଣ୍ଟ ଯୋଗୁଁ ଏଥିରେ କାର୍ଯ୍ୟ କରିବା ସହଜ । ଜଣେ ଲୋକ ଏହାକୁ ସହଜରେ ବଗିଚ୍ଚାରେ ବ୍ୟବହାର କରିପାରେ ।

(୧୭) ଗାର୍ଡେନ ରେକ୍ (Garden Rake)

କ୍ଷମତା	ଏହାଦ୍ୱାରା ଜଣେ ଲୋକ ଦିନକୁ ୬୦ ଡେସିମିଲ୍ ଜମିରେ କାମ କରିପାରେ ।
ଓଜନ	୧.୧୩ କିଲୋଗ୍ରାମ
ଦାମ୍	ଟ.୮୪/- (ବେଣ୍ଟ ସହିତ)
	ଟ.୫୮/- (ବେଣ୍ଟ ବ୍ୟତୀତ)



ଉପଯୋଗୀତା : ଏହାଦ୍ୱାରା ବଗିଚ୍ଚାରୁ ପଥର, ଇଟା ଓ ଅନ୍ୟାନ୍ୟ ଅଦରକାରୀ ଜିନିଷ ସଫା କରାଯାଏ । ମାଣ୍ଡିଆ ଫସଲରୁ ଘାସ ବାଛିବାକୁ ବ୍ୟବହାର କରାଯାଏ । ବେଙ୍ଗଳାରୁ କୁଟା ଓ ଜମିରୁ ଧାନ ମୂଳିକୁ ବାହାର କରିବା ପାଇଁ ମଧ୍ୟ ବ୍ୟବହାର କରାଯାଏ । ଏହାକୁ ଜଣେ ଲୋକ ସହଜରେ ଚଳାଇ ପାରେ । ଲମ୍ବା ବେଣ୍ଟ ଥିବାରୁ ଚଳାଇବା ସହଜ ।

(୧୮) ହୁଡା ତିଆରି ଯନ୍ତ୍ର (Hand Ridger)



କ୍ଷମତା	ଏହାଦ୍ୱାରା ଜଣେ ଲୋକ ଦିନକୁ ୨୫ ଡେସିମିଲ୍ ଜମିରେ ନାଳି ଓ ହୁଡା ତିଆରି କରିପାରେ ।
ଓଜନ	୦.୮୫ କିଲୋଗ୍ରାମ ।
ଦାମ୍	ଟ.୭୦/- (ବେଣ୍ଟ ସହିତ)
	ଟ.୪୪/- (ବେଣ୍ଟ ବ୍ୟତୀତ)

ଉପଯୋଗୀତା : ଧାଡିରେ ଲଗା ଯାଉଥିବା ଫସଲରେ ଏହି ଯନ୍ତ୍ର ଦ୍ୱାରା ନାଳୀ ଓ ହୁଡା କରାଯାଏ । ବାଦାମ, ଆଳୁ, କପା ଓ ପନିପରିବା ଫସଲରେ ଏହାଦ୍ୱାରା ମଧ୍ୟ ମାଟି ଟେକାଯାଏ । ଏହାକୁ ଜଣେ ଲୋକ ସହଜରେ ଚଳାଇ ପାରେ । ବେଣ୍ଟ ଥିବାରୁ ବ୍ୟବହାର ପାଇଁ ସୁବିଧାଜନକ ।

(୧୯) ବଳଦ ଟଣା ଅନ୍ତଃ ଗ୍ରୁଷ ଯନ୍ତ୍ର

(Bullock Drawn Blade Weeder)



କ୍ଷମତା	ଦିନକୁ ୧.୫ ଏକର
ଶକ୍ତି	ହଳେ ବଳଦ
ଓଜନ	୧୭ କିଲୋଗ୍ରାମ୍
ଦାମ୍	ଟ.୯୦୦/- (ପାଇପ ଣଣ ସହିତ) ଟ.୬୮୨/- (ପାଇପ ଣଣ ବ୍ୟତୀତ)

ଉପଯୋଗୀତା : ଏହି ଯନ୍ତ୍ର ଦ୍ୱାରା କପା, ମକା ଗଛ ଲାଗିଥିବା କିଆରୀକୁ ସହଜରେ କୋଡାଖୁସା କରାଯାଏ ଏବଂ ଘାସ ବଛାଯାଏ । ଅବିଭକ୍ତ କୋରାପୁଟ, କଳାହାଣ୍ଡି, ଗଞ୍ଜାମ ଜିଲ୍ଲା ପାଇଁ ଏହା ଏକ ଉପାଦେୟ ଯନ୍ତ୍ର । ଏହି ଯନ୍ତ୍ରରେ ୩ ପ୍ରକାରର ବ୍ଲେଡ (ଯଥା: ୩୫ ସେ.ମି., ୪୫ ସେ.ମି. ଓ ୫୫ ସେ.ମି.) ଲଗାଯାଇ ବିଭିନ୍ନ ଧାଡି ବୁଣା ଜମିରେ ଅନ୍ତଃ ଗ୍ରୁଷ କରାଯାଇପାରେ ।



(୨୦) ପଦଗ୍ଗ୍ଚାଳିତ ଧାନ ଅମଳ ଯନ୍ତ୍ର

(Pedal Operated Paddy Thresher)

କ୍ଷମତା	ଦିନକୁ ୨.୫୦ କ୍ୱିଣ୍ଟାଲ
ଓଜନ	୪୫ କିଲୋଗ୍ରାମ
ଶକ୍ତି	ଗୋଟିଏ ଲୋକ
ଦାମ୍	ଟ.୨୭୫୪/-

ଉପଯୋଗୀତା : ଏହି ଯନ୍ତ୍ର ବ୍ୟବହାର କଲେ ଅମଳ ଖର୍ଚ୍ଚ କମ୍ ହୁଏ । ଧାନ ଅମଳ ପରେ ନଡାକୁ କୁଟା ବା ଛଣ ରୂପେ ବ୍ୟବହାର କରାଯାଏ । ଏହି ଯନ୍ତ୍ରଟିକୁ ସହଜରେ ସ୍ଥାନାନ୍ତରିତ କରି ହୁଏ ଓ ଆବଶ୍ୟକ ସ୍ଥଳେ ଖରା ଓ ବର୍ଷାରୁ ଦୂରରେ ରହି କାମ କରି ହୁଏ । ବଳଦ ବେଙ୍ଗଳାଠାରୁ ଏହି ଯନ୍ତ୍ରରେ ଅମଳ ଅଧିକ ହୁଏ ।

(୨୧) ଶକ୍ତିଚାଳିତ ଧାନ ଅମଳ ଯନ୍ତ୍ର

(Power Operated Paddy Thresher)



କ୍ଷମତା — ଏହାଦ୍ୱାରା ଦିନକୁ ୧୦-୧୨ କ୍ୱିଣ୍ଟାଲ ଧାନ ଅମଳ କରାଯାଇପାରେ ।

ଶକ୍ତି — ୧ ଅଶ୍ୱ ଶକ୍ତି ବିଶିଷ୍ଟ ଇଲେକ୍‌ଟ୍ରିକ୍ ମୋଟର ।

ଓଜନ — ୬୮.୫ କିଲୋଗ୍ରାମ

ଦାମ୍ — ଟ.୮୭୭୮/- (ମୋଟର ସହିତ),
ଟ.୩୩୦୮/- (ମୋଟର ବ୍ୟତୀତ)

ଉପଯୋଗୀତା : ଧାନ ଅମଳ ଯନ୍ତ୍ର ବ୍ୟବହାର କରିବା ଦ୍ୱାରା ଅମଳ ନିର୍ଦ୍ଧାରିତ ସମୟରେ ହୁଏ । ଅମଳ ଖର୍ଚ୍ଚ କମ୍ ହୁଏ ଏବଂ ଅମଳ କ୍ଷମତା ଅନ୍ୟ ଅମଳ ଯନ୍ତ୍ରଠାରୁ ଅଧିକ । ଅଳ୍ପ ଖର୍ଚ୍ଚରେ ଏହି ଯନ୍ତ୍ର ଦ୍ୱାରା ସୋରିଷ ମଧ୍ୟ ଅମଳ କରିହୁଏ ।



(୨୨) ହସ୍ତଚାଳିତ ଧାନ ଉଡାଇବା ଯନ୍ତ୍ର

(Hand Operated Paddy Winnower)

କ୍ଷମତା — ଦିନକୁ ୧୭-୨୦ କ୍ୱିଣ୍ଟାଲ୍ ଧାନ ଉଡାଇ ସଫା କରାଯାଇପାରେ ।

ଶକ୍ତି — ଜଣେ ଲୋକ ଚଳାଇ ଥାଏ ।

ଓଜନ — ୨୯ କିଲୋଗ୍ରାମ୍

ଦାମ୍ — ଟ.୧୬୬୨/-

ଉପଯୋଗୀତା : ଏହାଦ୍ୱାରା ଚାଷୀ ନିଜ ସୁବିଧା ଅନୁସାରେ ଯେ କୌଣସି ସମୟରେ ଧାନ ଉଡାଇବା କାର୍ଯ୍ୟ କରିପାରେ । ଖୁବ୍ ସୁବିଧାରେ ଓ ସହଜରେ ଧାନ ଉଡା କାମ ହୋଇପାରେ ।

(୨୩) ଶକ୍ତିଚାଳିତ ଧାନ ଉଡାଇବା ଯନ୍ତ୍ର

(Power Winnower)



କ୍ଷମତା — ଦିନକୁ ୮.୫ କ୍ୱିଣ୍ଟାଲ

ଶକ୍ତି — ୦.୫ ଅଶ୍ୱ ଶକ୍ତି ବିଶିଷ୍ଟ ମୋଟର

ଓଜନ — ୬୨.୫ କିଲୋଗ୍ରାମ୍ (ମୋଟର ବ୍ୟତୀତ)

ଦାମ୍ — ଟ.୨୮୮୬/- (ମୋଟର ବ୍ୟତୀତ)
ଟ.୬୯୬୬/- (ମୋଟର ସହିତ)

ଉପଯୋଗୀତା : ଏହି ଯନ୍ତ୍ର ଦ୍ୱାରା ଅଗାଡିକୁ ଧାନରୁ ସହଜରେ ଅଲଗା କରାଯାଇପାରେ ।



(୨୪) ଧାନ ଅମଳ ଓ ଉଡାଇବା ଯନ୍ତ୍ର

(Thresher-cum-Winnower)

କ୍ଷମତା	ଦିନକୁ ୧୦ - ୧୨ କ୍ୱିଣ୍ଟାଲ
ଶକ୍ତି	ଏକ ଅଶ୍ୱ ଶକ୍ତି ବିଶିଷ୍ଟ ମୋଟର
ଓଜନ	୧୧୨ କିଲୋଗ୍ରାମ।
ଦାମ୍	ଟ.୫୯୭୩/- (ମୋଟର ବ୍ୟତୀତ)
	ଟ.୧୦,୯୬୨/- (ମୋଟର ସହିତ)

ଉପଯୋଗୀତା : ଏହା ମାଧ୍ୟମରେ ଧାନକୁ ଗଛରୁ ଛଡାଇବା ସହ ଏଥିରୁ ଅଗାଡିକୁ ଏକ ସଙ୍ଗରେ ଅଲଗା କରାଯାଇପାରେ।

(୨୫) ଚିନାବାଦାମ ଖୋଳା ଯନ୍ତ୍ର (ବଳଦ ଟଣା)

(Groundnut Digger)

କ୍ଷମତା	ଦିନକୁ ଏକ ଏକର ଜମିରୁ ବାଦାମ ଖୋଳାଯାଇପାରେ।
ଶକ୍ତି	ଏକ ହଳ ମଧ୍ୟମ ଧରଣର ବଳଦ ସହଜରେ ଟାଣି ପାରନ୍ତି।
ଓଜନ	୧୦ କିଲୋଗ୍ରାମ୍ (ଈଶ ବ୍ୟତୀତ)
ଦାମ୍	ଟ.୩୩୦/- (ଈଶ ବ୍ୟତୀତ),
	ଟ.୫୪୮/- (ଈଶ ସହିତ)



ଉପଯୋଗୀତା : ଏହି ଯନ୍ତ୍ରଦ୍ୱାରା ବାଦାମ ଛିଣ୍ଡି ମାଟିରେ ରହିଯାଏ ନାହିଁ ଓ ବାଦାମ ଗଛ ଉପୁଡିଯିବା ସହିତ ପରବର୍ତ୍ତୀ ଫସଲ ପାଇଁ ବିନା ଖର୍ଚ୍ଚରେ ଏକ ଓଡ଼ ଗୁଷ ହୋଇଥାଏ। ଏଥିରେ ବାଦାମ ଖୋଳିବା ଦ୍ୱାରା ଗଛର ଚେର କଟି ମାଟିରେ ରହିଯାଏ ଓ ଉର୍ବରତା ବଢାଏ।



(୨୬) ଚିନାବାଦାମ ଅମଳ ଯନ୍ତ୍ର (ପଦଗ୍ରଚ୍ଚିତ)

(Groundnut Thresher Pedal Operated)

କ୍ଷମତା	୨୭.୫ କିଲୋଗ୍ରାମ୍ ଘଣ୍ଟା ପ୍ରତି।
ଶକ୍ତି	ଜଣେ ଲୋକ ପାଦରେ ଚଳାଇଥାଏ।
ଓଜନ	୪୫.୬ କିଲୋଗ୍ରାମ୍
ଦାମ୍	ଟ.୨୮୧୮/-

ଉପଯୋଗୀତା : ଚିନାବାଦାମ ଗଛ ଉପାଡିବା ପରେ, ଗଛର ମୂଳରୁ ଚିନାବାଦାମ ତୋଳି ଅଲଗା କରିବା ପାଇଁ ବହୁ ସମୟ ଲାଗିଥାଏ। ଜଣେ ଲୋକ ହାତରେ ଦିନକୁ ପ୍ରାୟ ୨୪ କିଲୋଗ୍ରାମ୍ ଅମଳ କରିଥାଏ। ଏହି ଯନ୍ତ୍ରଦ୍ୱାରା ଦିନକୁ ୨୨୦ କିଲୋଗ୍ରାମ୍ ଚିନାବାଦାମ ଅମଳ କରାଯାଇପାରେ। ଫଳରେ କମ୍ ସମୟରେ ଅଳ୍ପ ଖର୍ଚ୍ଚରେ ଅମଳ କାର୍ଯ୍ୟ ହୋଇଥାଏ।

(୨୭) ଚିନାବାଦାମ ମଞ୍ଜି ଛଡାଇବା ଯନ୍ତ୍ର
(Groundnut Decorticator)



କ୍ଷମତା	ଘଣ୍ଟାକୁ ୫୦ କିଲୋଗ୍ରାମ୍ ଚିନାବାଦାମରୁ ମଞ୍ଜି ବାହାର କରାଯାଏ।
ଶକ୍ତି	ଜଣେ ଲୋକ ଦ୍ୱାରା ଚାଳିତ।
ଓଜନ	୧୪ କିଲୋଗ୍ରାମ୍
ଦାମ୍	ଟ.୭୬୪/-, ଟ.୧୧୫୦/- (Auto feed)

ଉପଯୋଗୀତା : ଚିନାବାଦାମରୁ ମଞ୍ଜି ବାହାର କରିବା ପାଇଁ ଏହା ଏକ ଉପଯୋଗୀ ଯନ୍ତ୍ର। ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ହାତରେ ମଞ୍ଜି ଛଡାଇବା କଷ୍ଟ କମିବା ସହିତ କମ୍ ସମୟରେ ଏବଂ କମ୍ ଖର୍ଚ୍ଚରେ ମଞ୍ଜି ବାହାର କରିହୁଏ। ମଞ୍ଜିରେ କୌଣସି କ୍ଷତି ହୁଏ ନାହିଁ।



(୨୮) ଶକ୍ତିଚାଳିତ ଚିନାବାଦାମ ଚୋପା ଛଡାଇବା ଏବଂ ଉଡାଇବା ଯନ୍ତ୍ର
(Power Operated Groundnut Decorticator-cum-Cleaner)

କ୍ଷମତା	ଘଣ୍ଟାକୁ ୨ କ୍ୱିଣ୍ଟାଲ
ଶକ୍ତି	୦.୫ ଅଶ୍ୱ ଶକ୍ତି ବିଶିଷ୍ଟ ମୋଟର।
ଓଜନ	୩୯ କିଲୋଗ୍ରାମ
ଦାମ୍	ଟ.୭୨୨୨/- (ମୋଟର ସହିତ) ଟ.୨୭୨୦/- (ମୋଟର ବ୍ୟତୀତ)

ଉପଯୋଗୀତା : ଏହି ଯନ୍ତ୍ର ବ୍ୟବହାର ଦ୍ୱାରା ହାତରେ ମଞ୍ଜି ଛଡାଇବା କଷ୍ଟ କମିବା ସହିତ କମ୍ ସମୟରେ ଏବଂ କମ୍ ଖର୍ଚ୍ଚରେ ମଞ୍ଜି ବାହାର କରିହୁଏ ଓ ମଞ୍ଜି ସଙ୍ଗେ ମିଶି ରହିଥିବା ମଇଳା ସଫା କରିହୁଏ।

(୨୯) ହସ୍ତ ଚାଳିତ ପାଣି ପମ୍ପ
(Low Lift Hand Pump)



କ୍ଷମତା	ଘଣ୍ଟା ପ୍ରତି ୫୦୦୦ ଲିଟର (୩ ମିଟର ଗଭୀରରୁ)
ଓଜନ	୪୧ କିଲୋଗ୍ରାମ୍ ।
ଶକ୍ତି	ଜଣେ ଲୋକ ଏହାକୁ ସହଜରେ ଚଳାଇପାରେ ।
ଦାମ୍	ଟ.୨୭୭୬/-

ଉପଯୋଗୀତା : ଏହା ୫ ମିଟରରୁ କମ୍ ଗଭୀରତାରୁ ପାଣି ଉଠାଇବା ପାଇଁ ବ୍ୟବହୃତ ହୁଏ । ଏହି ପମ୍ପ ଚଳାଇବା ପାଇଁ ଏକ ଲମ୍ବା କାଠ ବେଣ୍ଟ ଲାଗିଥିବାରୁ କମ୍ କଷ୍ଟରେ ପାଣି ଉଠାଇ ହୁଏ । ଡ଼ାୟାଫ୍ରାମ୍‌ଟି ଖରାପ ହୋଇଗଲେ ସହଜରେ ଓ କମ୍ ଖର୍ଚ୍ଚରେ ବଦଳାଇ ହୁଏ । ପମ୍ପଟି ଭଲ ଲୁହାରେ ତିଆରି ହୋଇଥିବାରୁ ମଜବୁତ୍ ଓ ଦୀର୍ଘସ୍ଥାୟୀ । କୂଅ, ପୋଖରୀ, ଗାଡ଼ିଆ ଓ କେନାଲରୁ ପାଣି ଉଠାଇ ଫସଲରେ ମଡ଼ାଇବା ପାଇଁ ଏହି ପମ୍ପଟି ଖୁବ୍ ଉପଯୋଗୀ ।

(୩୦) ଶକ୍ତି ଚାଳିତ ଲଙ୍ଗଳ
(Power plough/Tool bar)



କ୍ଷମତା	ଦିନକୁ ଏକ ଏକର ଜମି ଚାଷ କରିପାରେ ।
ଶକ୍ତି	୩ ଠାରୁ ୫ ଅଶ୍ୱଶକ୍ତି ବିଶିଷ୍ଟ
ଓଜନ	୮୦ ରୁ ୧୦୦ କିଲୋଗ୍ରାମ୍ ।
ଦାମ୍	<u>ପ୍ରାଚୀ କମ୍ପାନୀ</u>
	ଟ.୨୭,୪୦୦/- (୩ ଅଶ୍ୱ ଶକ୍ତି)
	ଟ.୩୫,୩୦୦/- (୩ ଅଶ୍ୱ ଶକ୍ତି ଓ କ୍ଲଚ୍ ସହିତ)
	ଟ.୪୩,୨୦୦/- (୫ ଅଶ୍ୱ ଶକ୍ତି)
	<u>ଶେଖର କମ୍ପାନୀ</u>
	ଟ.୪୦,୩୦୦/- (୫ ଅଶ୍ୱ ଶକ୍ତି)

ଉପଯୋଗୀତା : ଶୁଖିଲା ଓ କାଦୁଅ ଚାଷ, ଟ୍ରଲି ଦ୍ୱାରା ମାଲ ପରିବହନ, ପାଣି ଉଠାଇବା, ସିଆର କରିବା । ଏହି ଯନ୍ତ୍ରରେ ଟ.୫୦୦୦/- ରିହାତି ରହିଛି ।

(୩୧) ପାୱାର ଟିଲର (Power Tiller)



କ୍ଷମତା	ଦିନକୁ ୨.୫ ଏକର ଜମି ଚାଷ କରିପାରେ ।
ଶକ୍ତି	୧୦ ଠାରୁ ୧୬ ଅଶ୍ୱଶକ୍ତି ବିଶିଷ୍ଟ
ଓଜନ	୨୮୦ କିଲୋଗ୍ରାମ୍ (ଇଞ୍ଜିନ୍‌କୁ ଛାଡି), କେବଳ ଇଞ୍ଜିନ୍ ଓଜନ ୧୩୦ କିଲୋଗ୍ରାମ ତେଲ ନଥିବା ବେଳେ ।
ଦାମ୍	ଟ.୯୦,୦୦୦/- ମଧ୍ୟରେ

ଉପଯୋଗୀତା : ଶୁଖିଲା ଏବଂ କାଦୁଅ ଚାଷ, ଟ୍ରଲି ଦ୍ୱାରା ମାଲ ପରିବହନ, ପାଣି ଉଠାଇବା ଓ ସିଞ୍ଚନ କରିବା, କୀଟନାଶକ ସିଞ୍ଚନ, ଧାନ କାଟିବା, ଅମଳ କରିବା, କୋଡ଼ା ଖୁସା, ସାର ପ୍ରୟୋଗ, ସିଆର କରିବା ଇତ୍ୟାଦି । ଏହି ଯନ୍ତ୍ରରେ ଟ.୩୦,୦୦୦/- ରିହାତି ରହିଛି ।



(୩୨) ଟ୍ରାକ୍ଟର (Tractor)

କ୍ଷମତା	ଦିନକୁ ୮ ରୁ ୧୬ ଏକର ଜମି ଚାଷ କରାଯାଇପାରେ ।
ଶକ୍ତି	୧୮ ଠାରୁ ୪୫ ଅଶ୍ୱଶକ୍ତି ବିଶିଷ୍ଟ
ଦାମ୍	୨ ଲକ୍ଷ ୩୨ ହଜାର ଟଙ୍କା ମଧ୍ୟରେ

ଉପଯୋଗୀତା : ଶୁଖିଲା ଓ କାଦୁଅ ଚାଷ, ଟ୍ରଲି ଦ୍ୱାରା ମାଲ ପରିବହନ, ପାଣି ଉଠାଇବା ଓ ସିଞ୍ଚନ କରିବା, ହଳର ଚଳାଇବା ଜେନେରେଟର ଚଳାଇ ୧୦ ରୁ ୧୦.୫ KVA ଶକ୍ତି ଉତ୍ପାଦନ କୀଟନାଶକ ସିଞ୍ଚନ, ମଞ୍ଜି ଓ ସାର ବୁଣିବା, ଧାନ କାଟିବା, ଅମଳ କରିବା । ଏହି ଯନ୍ତ୍ରରେ ଟ.୩୦,୦୦୦/- ରିହାତି ରହିଛି ।

(୩୩) ସିଞ୍ଚନ ଯନ୍ତ୍ର (Sprinkler)



ଶକ୍ତି ୧.୫ ଅଶ୍ୱଶକ୍ତି ଠାରୁ ୫ ଅଶ୍ୱଶକ୍ତି ପମ୍ପ ଦ୍ୱାରା ଏହାକୁ ପରିଗ୍ରାଳିତ କରାଯାଏ ।

ଦାମ୍ ୧୮ ହଜାର ଟଙ୍କାରୁ ୨୮ ହଜାର ଟଙ୍କା ମଧ୍ୟରେ ସେଚଜଳ ଉତ୍ସ ଜମିର ମଧ୍ୟ ଭାଗରେ ଥିଲେ ମୂଲ୍ୟ ଟ.୧୮୦୦୦/- ମଧ୍ୟରେ ରହେ ହେଲେ ସେଚଜଳ ଉତ୍ସ ଜମିର ଏକ କୋଣରେ ରହିଥିଲେ ମୂଲ୍ୟ ଟ.୨୮୦୦୦/- ପାଖା ପାଖି ପଡ଼େ ।

ଉପଯୋଗୀତା : ଏହି ଯନ୍ତ୍ରରେ ବହୁତ ଅଳ୍ପ ଜଳ ଖର୍ଚ୍ଚ କରାଯାଇ ଅଧିକ ଜମିକୁ ଭଲଭାବେ ଜଳସେଚନ କରାଯାଇପାରେ । ଏହାଦ୍ୱାରା ମାଟିରେ ଲବଣାକ୍ତ ବଢ଼ିବାର ଭୟ ନଥାଏ, ଯାହାକି କେନାଲ ଜଳସେଚନରେ ଦେଖାଯାଇଥାଏ । ଏହି ଯନ୍ତ୍ର ଉପରେ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ, ଆଦିବାସୀ ଓ ହରିଜନ ଚାଷୀ ଏବଂ ମହିଳା ଚାଷୀମାନଙ୍କୁ ଶତକଡ଼ା ୭୫ ଭାଗ ବା ସର୍ବାଧିକ ୧୫୦୦୦/- ଟଙ୍କା ରିହାତି ଦେବାର ବ୍ୟବସ୍ଥା ରହିଛି । ଅନ୍ୟ ଚାଷୀଙ୍କୁ ଶତକଡ଼ା ୫୦ ଭାଗ ବା ସର୍ବାଧିକ ୧୦୦୦୦/- ଟଙ୍କା ରିହାତି ଦେବାର ବ୍ୟବସ୍ଥା ରହିଛି ।

ସେମାନେ ଯାହା କହନ୍ତି...

- ଗ୍ରୁଷ ଜମିରେ ପାଣି ମଡାଇବା ପାଇଁ ପ୍ରତିବର୍ଷ ମୁଁ ଡେଣ୍ଡାରେ ପାଞ୍ଚଶହ ଟଙ୍କା ଖର୍ଚ୍ଚ କରୁଥିଲି । ଡେଣ୍ଡା ଚଳାଇବାକୁ ମଧ୍ୟ କଷ୍ଟ ହେଉଥିଲା । ମାଇପି ଲୋକେ ଡେଣ୍ଡା ଚଳାଇ ପାରୁ ନଥିଲେ । **କେବି** ପମ୍ପ୍‌ଟି ପାଇଲା ପରେ ମୁଁ ବହୁତ ଖୁସି । ନେବା ଆଣିବାକୁ ସହଜ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ, ଏପରିକି ଆମ ଘରର ମାଇପି ଲୋକେ ମଧ୍ୟ ଘଡିଏ ଘଡିଏ ଚଳାଇ ପାଣି ମଡାଇ ପାରୁଛନ୍ତି । ସତରେ ପମ୍ପ୍‌ଟି ଆମ ଗ୍ରୁଷୀମାନଙ୍କର ପ୍ରକୃତ ବନ୍ଧୁ ।

ଶ୍ରୀ ରଣଜିତ୍ ସାହୁ, *ବିସିପାଲି, ସତଲମା, ବରପାଲି, ବରଗଡ ।*

- ଯେଉଁମାନେ **କେବି** ପମ୍ପ୍ କିଣି ନାହାନ୍ତି, ସେମାନେ ଯେ ଏହାକୁ ବ୍ୟବହାର କରୁନାହାନ୍ତି, କହି ହେବନି । ଆମ ଅଞ୍ଚଳରେ ଦିନକୁ ୩୦ ରୁ ୫୦ ଟଙ୍କା ଯାଏ ଭଡାରେ **କେବି** ପମ୍ପ୍ ନେଇ ପାଣି ମଡାଉଛନ୍ତି, କାରଣ ମଟର ପମ୍ପ୍ ଭଡା ଘଣ୍ଟାକୁ ୫୦ ଟଙ୍କା । ସମସ୍ତଙ୍କୁ ଏହାର ଉପଯୋଗିତା ଏବେ ଜଣାଗଲାଣି ।

ସୁଜାତା ଲେଙ୍କା, *କଉଡିଆବରାଇ, ତିର୍ତ୍ତୋଲ, ଜଗତସିଂହପୁର ।*

- **କେବି** ପମ୍ପ୍ ବାସ୍ତବରେ ଆମ ଗ୍ରୁଷୀକୁଳଙ୍କ ପାଇଁ ଏକ କୁଳଚନ୍ଦ୍ରମା ସଦୃଶ । ତିନିମାସ ଭିତରେ ମୋ ପଇସା ଉଠିଗଲା । ଆଳୁ, ପିଆଜ, ବିଲାତି ଗ୍ରୁଷ କରି -- ଏହା ଦ୍ୱାରା ମୋ ଘର ପଇସା ଘରେ ରହିଗଲା । ଏହା ଦେଖା ଦେଖି ଆମ ଗାଁ ପାଖାପାଖି ପ୍ରାୟ ଆଠଗୋଟି ପମ୍ପ୍ ବ୍ୟବହାର କରାଯାଉଛି ।

ଶ୍ରୀ ପ୍ରେମାନନ୍ଦ ସାହୁ, *କନ୍ତିଓ କାଟେଣୀ, କାମାକ୍ଷା ନଗର, ଢେଙ୍କାନାଳ ।*

- ଗତ ରବି ଋତୁରେ ଆମର ୪ ଗୁଣ୍ଠ ଜମି **କେବି** ପମ୍ପ୍ ଦ୍ୱାରା ନଳକୂଅରୁ ପାଣି ଉଠାଇ ଗ୍ରୁଷ ହୋଇଥିଲା । ଭେଣ୍ଡି, କାକୁଡି, ଗ୍ରୀନ୍ ମଟର, ବିଲାତି, କଲରା, ବିନ୍ ପ୍ରଭୃତି ଗ୍ରୁଷ କରି ଘରେ ଖାଇବା ସଙ୍ଗେ ସଙ୍ଗେ ୩୦୦୦ ଟଙ୍କାର ବିକ୍ରି ହୋଇଥିଲା ।

ଶ୍ରୀମତୀ ବାସନ୍ତୀଲତା ଉପାଧ୍ୟାୟ, *ଉପାଧ୍ୟାୟ ସାହି, ଗେଲଟୁଆ, ବଗମରା, ଭଦ୍ରକ ।*

- ଗତ ଗ୍ରୁରି ବର୍ଷ ଧରି **କେବି** ପମ୍ପଟି ଗ୍ରୁଲିଛି । ମଝିରେ ମଝିରେ ଖରାପ ହୋଇଛି, ହେଲେ ମୁଁ ନିଜେ ଏହାକୁ ମରାମତି କରିଦିଏ । ମୁଁ ଏକାଦିକ୍ରମେ ତିନି ଘଣ୍ଟା ପାଣି ମଡାଇ ପାରୁଛି । ଏହା ଭିତରେ ଝିଅ ବାହାଘର, ଦୁଇ ବଖରା ଆଜବେଷ୍ଟସ୍ ଘର, ଝିଅ ଓ ପୁଅ ସ୍କୁଲ କଲେଜ ପଢା, ଟିଭି, ସବୁ **କେବି** ସାହାଯ୍ୟରେ ହିଁ ସମ୍ଭବ ହୋଇଛି ।

ଶ୍ରୀ ଅର୍ଜୁନ ପ୍ରଧାନ, *ଶାଳଜଙ୍ଗ, ପିପିଲି, ପୁରୀ ।*